୮ ହଜାର ଟଙ୍କା ଲାଂଚ ନେଇ ଭଦ୍ରକ ସିଡିଏମଓ ଗିରଫ

କଟକ ୧୮/୧୧(ଶ୍ରୁମି): ମାତ୍ର ୮ ହଜାର ଟଙ୍କା ଲାଂଚ ଦାବି କରିବା ଓ ନେବା ଅଭିଯୋଗରେ ଭଦ୍ରକ ର ଏଡିଏମଓ ତଥା ଇନଚାର୍ଜ୍ ସିଡିଏମଓ ଡାକ୍ତର ଶ୍ରୀମତୀ ଗୀତାଂଜଳି ପଟ୍ଟନାୟକ ସନିବାର ଦିନ ଭିଜିଲାନସ ଜାଲରେ ପଡିଛନ୍ତି । ମିଳିଥିବା ଖବର ଅନୁସାରେ ଭଦ୍ରକ ଥାନା ଅନ୍ତର୍ଗତ ନରିପୁର ର ଉପେନ୍ଦ୍ର ଦାଶ ଙ୍କ ପୁତ୍ର ରଶ୍ମିରଂଜନ ଦାଶ ଭୁବନେଶ୍ୱର ସହିଦନଗରରେ ଥିବା ସାରଳା ସିକୁରିଟି ଆଣ୍ଡ ଫାସିଲିଟି ସର୍ଭିସ ର ସୁପରଭାଇଜର ଭାବେ କାମ କରନ୍ତି । ଭଦ୍ରକ ଜିଲ୍ଲା ମୁଖ୍ୟ ଡାକ୍ତରଖାନା ରେ ଏହି ସଂସ୍ଥା ର ସିକୁରିଟି ଗାର୍ଡ ମାନେ ନିୟୋଜିତ ଅଛନ୍ତି । ସିକୁରିଟି ଗାର୍ଡ ମାନଙ୍କର ଚଳିତ ବର୍ଷ ଅକ୍ଟୋବର ମାସର ବକେୟା ବିଲ ପାସ କରିବା ପାଇଁ ଡାକ୍ତର ଶ୍ରୀମତୀ ପଟ୍ଟନାୟକ ୮ ହଜାର ଟଙ୍କା ଦାବି କରିଥିଲେ । ଶେଷରେ ଶ୍ରୀ ଦାଶ ବାଲେଶ୍ୱର ଭିଜିଲାନସ ଡିଭିଜନ ଏସପି ଙ୍କ ଦ୍ୱାରସ୍ଥ ହୋଇଥିଲେ । ତାପରେ ଡାକ୍ତର ପଟ୍ଟନାୟକ ଙ୍କୁ ଜାଲ ରେ ପକାଇବାକୁ ଯୋଜନା କରାଯାଇଥିଲା । ତଦନୁସାରେ ସନିବାର ଦିନ ପୂର୍ବାହ୍ନ ପ୍ରାୟ ୧୧ ଟା ୧୫ ମିନିଟ ସମୟରେ ଡାକ୍ତର ଶ୍ରୀମତୀ ପଟ୍ଟନାୟକ ୮ ହଜାର ଟଙ୍କା ଶ୍ରୀ ଦାଶ ଙ୍କ ଠାରୁ ନେଉଥିବା ବେଳେ ବାଲେଶ୍ୱର ଡିଭିଜନ ଭିଜିଲାନସ ଅଫିସରମାନେ ତାଙ୍କୁ କାବୁ କରି ନେଇଥିଲେ । ତାଙ୍କ ହେପାଜତ ରୁ ସେହି ଟଙ୍କା ଜବତ କରାଯାଇଥିଲା । ଭିଜିଲାନସ ଅଫିସରମାନେ ତାଙ୍କୁ ଗିରଫ କରିବା ସହ ତାଙ୍କର ଅଫିସ, ସରକାରୀ କ୍ୱାର୍ଟର, ଏବଂ ଭଦ୍ରକ ଗବସାହି ରେ ଥିବା ଘରେ ତଲାସୀ ନିଆଯାଇଛି । ଏସମ୍ପର୍କରେ ବାଲେଶ୍ୱର ଭିଜିଲାନସ ଥାନା ରେ ୬୩/୨୦୧୭ ନମ୍ବର ମାମଲା ରୁଜୁ କରାଯାଇଛି ।

ଧାନ ବିଲରେ ଧାନ ଗଜା : ଧାନ ଗଛ ଧରି ଉପଜିଲ୍ଲାପାଳଙ୍କୁ ଭେଟିଲେ

ଉଦଳା, ୧୮/୧୧(ଶ୍ରୁମି.) - ଆଜି ଉଦଳା ବ୍ଲକର ଭୁରୁଡୁବଣି, ଉର୍ମଳ, ବହୁବନ୍ଧ ଏବଂ କପ୍ତିପଦା ବ୍ଲକର ନୁଦଡ଼ିହା, ପିଙ୍ଗୁ, ତଳିଆ ଅଞ୍ଚଳର ଚାଷୀମାନେ ଚାଷର କ୍ଷୟକ୍ଷତି ପାଇଁ ଉପଜିଲ୍ଲାପାଳଙ୍କୁ ଭେଟି ଦରଖାସ୍ତ ପ୍ରଦାନ କରିଛନ୍ତି । ବିଲରେ ଧାନଗଛରେ ଗଜା ହୋଇଥିବା ଗଛକୁ ସାଥିରେ ଧରି ଚାଷୀମାନେ ଉପଜିଲ୍ଲାପାଳଙ୍କୁ ଦେଖାଇଥିଲେ । ଚାଷୀଙ୍କ ପାଇଁ ପ୍ରଥମେ ଚକଡ଼ା ପୋକ ପରେ ୭୨ଘଣ୍ଟାର ଲଗାଣ ବର୍ଷା କାଙ୍ଗାଳ କରିଦେଇଛି । ଚାଷୀମାନେ ବିଲରୁ ଯେତିକି ଧାନ ପାଇଥାଆନ୍ତି ସେଥିରେ ବର୍ଷ ତମାମର ଭାତ, ମୁଢ଼ି ଇତ୍ୟାଦି ସାଙ୍ଗକୁ ପର୍ବପର୍ବାଣୀରେ ଚାଉଳ ପିଠା କରିଥାଆନ୍ତି । ପରବର୍ତ୍ତୀ ବର୍ଷ ଚାଷ ପାଇଁ ବିହନ ଧାନ ରଖିଥାଆନ୍ତି । ବଳକା ଧାନ ବିକ୍ରୀ କରି ମୟୂରଭଞ୍ଜର ଗଣପର୍ବ ମକର ଓ ରଜକୁ ମାନିଥାଆନ୍ତି । କିନ୍ତୁ ଏବର୍ଷ ଚକାଡ଼ା ପୋକ ସାଙ୍ଗକୁ ଅଦିନିଆ ବର୍ଷା ଅଣ୍ଟା ଭାଙ୍ଗଦେଇଥିବା ବେଳେ ତଥାପି ବଞ୍ଚିବାର ରାସ୍ତା ଖୋଜୁଛନ୍ତି ସ୍ଥାନୀୟ ଚାଷୀ । ନିଜର ନ୍ୟାର୍ଯ୍ୟ ଦାବୀ ଅର୍ଥାତ ଚାଷର ସଠିକ କ୍ଷତି ଅକାଳନ ସହ ସରକାରୀ ସାହାଯ୍ୟ ତୁରନ୍ତ ଯୋଗାଇଦେବା ପାଇଁ ଆଜି ସ୍ଥାନୀୟ ଉପଜିଲ୍ଲାପାଳ ପ୍ରଭାତ କୁମାର ମହାପାତ୍ରଙ୍କୁ ଭେଟି ଲିଖିତ ଅନୁରୋଧ କରିଛନ୍ତି ।

ହାତୀ ଆକ୍ରମଣରେ ମହିଳାଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା

ଢେଙ୍କାନାଳ, ୧୮/୧୧(ଶ୍ରୁମି) ଢେଙ୍କାନାଳ ଓଡ଼ପଡ଼ା ବ୍ଲକ୍ ଅନ୍ତର୍ଗତ ନିମିଡ଼ା ଗ୍ରାମରେ ଜଣେ ମହିଳା ଶୁକ୍ରବାର ରାତିରେ ହାତୀ ଆକ୍ରମଣରେ ପ୍ରାଣ ହରାଇଛନ୍ତି ।

ଏହାକୁ ନେଇ ସ୍ଥାନୀୟ ବାସିନ୍ଦା ଆଜି ରାସ୍ତାରୋକ କରିବା ସହ ରାସ୍ତା ମଝିରେ ବସିଥିଲେ । ଘଟଣାସ୍ଥଳରେ ପୁଲିସ ପହଞ୍ଚି ସେମାନଙ୍କୁ ବଳପୂର୍ବକ ଘଉଡାଇଥିଲା । ଏହାକୁ ନେଇ ଏହି ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି । ହାତୀ ପଲ ଫସଲ ଖାଇ ନଷ୍ଟକରୁଥିବାବେଳେ ରାସ୍ତା ଉପରକୁ ଆସି ରାସ୍ତା ଅବରୋଧ କରୁଛନ୍ତି ଓ କେତେବେଳେ ଗାଁରେ ପଶି ଘର ଭାଙ୍ଗୁଛନ୍ତି । ବନବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଉନଥିବାରୁ ଏଭଳି ହେଉଥିବା ଲୋକମାନେ ଅଭିଯୋଗ କରିଛନ୍ତି ।

ଗୋପବନ୍ଧୁ ଗ୍ରାମୀଣ ଯୋଜନା ନେଇ ଧାମନଗର ବ୍ଲକରାଜନୀତି ସରଗରମ୍

ଧାମନଗର ୧୮/୧୧(ଶ୍ରୁମି): ଗୋପବନ୍ଧୁ ଗ୍ରାମୀଣ ଯୋଜନାକୁ ନେଇ ଧାମନଗର ବ୍ଲକରେ ରାଜନୀତି ଜୋର ଧରିଥିବାବେଳେ ଶନିବାର ଦିନ ଧାମନଗର ବି.ଡି.ଓ ଡଃ ନରହରୀ ବେହେରା ଓ ଜଣେ କିରାଣୀ ଅଜୟ କୁମାର ନାୟକ ପଞ୍ଚାୟତ ସମିତି ଅଧକ୍ଷ ଅଶୋକ କୁମାର ନାୟକଙ୍କ ବିରୁଦ୍ଧରେ ଧାମନଗର ଥାନାରେ ୨ଟି ଏତଲା ଦେଇଥିବାବେଳେ ଜିଲ୍ଲାପରିଷଦ ସଭ୍ୟ ସୁରଥ ଚନ୍ଦ୍ର ସେଠୀ ଓ ଚୁଡାକୁଟି ସରପଞ୍ଚ ସରସ୍ୱତୀ ବେହେରା କିରାଣୀ ଅଜୟ ନାୟକଙ୍କ ବିରୁଦ୍ଧରେ ପୃଥକ ପୃଥକ ୨ଟି ଏତଲା ଦେଇଛନ୍ତି । ଖବର ନେବାରୁ ଜଣାଯାଇଛି ପଞ୍ଚାୟତ ସମିତି ଅଧକ୍ଷ ଶ୍ରୀ ନାୟକ ବି.ଡି.ଓ ଶ୍ରୀ ବେହେରାଙ୍କୁ ଡାକି ଜିଜିଓ୍ୱାଇ ସଂପର୍କରେ ଆଲୋଚନା କରବା ସହିତ ବିଜେଡି କର୍ମୀ କାମ କରୁଛି ବୋଲି କହି ଗାଳିଗୁଲଜ କରିଥିବା ବି.ଡି.ଓ ଥାନାରେ ଅଭିଯୋଗ କରିଛନ୍ତି । ସେହିପରି କିରାଣୀ ଅଜୟ ନାୟକ ତାଙ୍କୁ ଚେମ୍ବରକୁ ଡାକି ଅଧକ୍ଷ ଶ୍ରୀ ନାୟକ ଗାଳି ଗୁଲଜ କରିଥିଲେ ବୋଲି ଅଭିଯୋଗ ହୋଇଛି । ଜିଲ୍ଲାପରିଷଦ ସଭ୍ୟ ଶ୍ରୀ ସେଠୀ ଓ ସରପଞ୍ଚ ଶ୍ରୀମତି ବେହେରାଙ୍କୁ ଗତ ୧୭ ତାରିଖ ଅପରାହ୍ନରେ ସଂପୃକ୍ତ କିରାଣୀ ଅଜୟ ନାୟକ ଜାତିଆଣ ଆକ୍ଷେପ କରି ଗାଳି ଗୁଲଜ କରିଥିବା ଧାମନଗର ଥାନାରେ ଅଭିଯୋଗ ହୋଇଛି । ଏତଲା ସଂପର୍କରେ ଧାମନଗର ପଞ୍ଚାୟତ ସମିତି ଅଧକ୍ଷ ଶ୍ରୀନାୟକ କିଛି ଜାଣି ନାହାନ୍ତି ବୋଲି କହିଥିବା ବେଳେ ମାମଲା ରଜୁ ହେଲେ ପରବର୍ତ୍ତୀ କାର୍ଯ୍ୟପନ୍ଥା କ'ଣ ହେବ ସେନେଇ ବିଚାର କରିବି ବୋଲି କହିଛନ୍ତି । ତେବେ ଏତଲା ନେଇ ଧାମନଗର ରାଜନୀତି ସରଗରମ୍ ଥିବା ଜଣାପଡିଛି ।

ସିଏମସି ଅଳିଆ ଉଠା ଦୁର୍ନୀତିର ତଦନ୍ତ ଦାବି

କଟକ, ୧୮/୧୧(ଶ୍ରୁମି): କଟକ ମହାନଗର ନିଗମ ପକ୍ଷରୁ ଅଳିଆ ଉଠା ନାମରେ କୋଟି କୋଟି ଟଙ୍କା ଦୁର୍ନୀତିର ତଦନ୍ତ ପାଇଁ ଦାବି କରାଯାଇଛି । ସଚେତନ ନାଗରିକ ମହାସଭା ପକ୍ଷରୁ ଆଜି ୫୦ରୁ ଉର୍ଦ୍ଧ୍ୱ ପ୍ରତିନିଧି କେନ୍ଦ୍ରାଂଚଳ ରାଜସ୍ୱ ଆୟୁକ୍ତଙ୍କୁ ସାକ୍ଷାତ କରି ଏକ ସ୍ମାରକପତ୍ର ପ୍ରଦାନ କରିବା ସହ ଏହି ଦୁର୍ନୀତିରେ ଲିପ୍ତ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି । ମହାସଭା ପକ୍ଷରୁ ଅଭିଯୋଗ ପତ୍ରରେ ଦର୍ଶାଯାଇଛି ଯେ, କଟକ ସହରର ସମସ୍ତ ଓ୍ୱାର୍ଡରେ ପାନୀୟ ଜଳ ଯୋଗାଣଠାରୁ ଆରମ୍ଭ କରି ବିଦ୍ୟୁତ ବିଭ୍ରାଟ, ନାଳ ନର୍ଦ୍ଦମା ସଫେଇ ନ ହେବା ଓ ବିପର୍ଯ୍ୟସ୍ତ ରାସ୍ତାଘାଟର ମରାମତି ନ ହେବା ଆଦି ଜନସାଧାରଣଙ୍କୁ ଅତିଷ୍ଠ କରିଦେଇଥିବା ବେଳେ ନିଗମ କର୍ତ୍ତୃପକ୍ଷ କିଭଳି ବିନା ଓଜନରେ ଆଜକୁ ୧୪ ମାସ ହେଲା ଠିକା ନେଇଥିବା ସଂସ୍ଥାକୁ ମାସକୁ ପ୍ରାୟ ୧ କୋଟି ଟଙ୍କା ପ୍ରଦାନ କରୁଛନ୍ତି । ଅପରପକ୍ଷେ ନିଗମ ପକ୍ଷରୁ ଏକ ଓଜନ ମପା ଯନ୍ତ୍ର ଥିଲେ ହେଁ ତାହା ଅଚଳ ହୋଇଯିବା ପଛରେ କାହାର ହାତ ଅଛି ତାହା ତଦନ୍ତ ସାପେକ୍ଷ ବୋଲି ଅଭିଯୋଗରେ ଦର୍ଶାଯାଇଛି । ସଚେତନ ନାଗରିକ ମହାସଭା ପକ୍ଷରୁ ଆବାହକ ବୃନ୍ଦାବନ ଦାସ ଆଜାଦଙ୍କ ନେତୃତ୍ୱରେ ସଧୁ ହେମ୍ବ୍ରମ୍, ଲୋକନାଥ ବେହେରା, ମୁରଲୀଧର ବେହେରା, ଦୁଲି ମୁର୍ମୁ ଓ ସଂଜୟ ନାୟକ ପ୍ରମୁଖ ଉପସ୍ଥିତ ରହି ଏହି ସ୍ମାରକପତ୍ର ପ୍ରଦାନ କରିଛନ୍ତି ।

ଆଲିସା ବଜାର ଯୋଗଶିକ୍ଷା କେନ୍ଦ୍ର ପକ୍ଷରୁ ବାଲିଯାତ୍ରା ପଡିଆ ସଫେଇ କାର୍ଯ୍ୟକ୍ରମ

ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛି ବସ୍ ମାଲିକ ବୁଲୁଭାଇଙ୍କ ମହାନତା

ସୋନପୁର, ୧୮/୧୧(ମନୋରଞ୍ଜନ ତ୍ରିପାଠୀ):ଓଡିଶା ତଥା ଭାରତରେ ପ୍ରାୟତଃ ଅନେକ ଯାଗାରେ ସାଧାରଣ ଲୋକଙ୍କ ମଧ୍ୟରେ ଧାରଣା ଥାଏ ଯେ ସବୁ ଘରୋଇ ବସ୍ ମାଲିକମାନେ ସୁଟବୁଟ୍ ଚଷମା ପରିଧାନ କରି ଷ୍ଟାଣ୍ଡର ଏସି ରୁମ୍‌ରେ ବସି ସଂଘ କର୍ମକର୍ତ୍ତା ସହ ଚା'ଜଳ ପାନରେ ଖଟିରେ ତାସ୍ ଖେଳ, ଚେସ, କ୍ୟାରମ ଖେଳ ଆୟସିରେ ସମୟ ବିତାଇଥାନ୍ତି । ବଡ ବାବୁ ସାହେବଙ୍କ ଭଳି ବେଳେ ବେଳେ ରୁକ୍ଷ, କଠୋର ବ୍ୟବହାର କରନ୍ତି, ପାସେଞ୍ଜରମାନଙ୍କ ପ୍ରତି ଅଣଦେଖା କରିଥାନ୍ତି । କିନ୍ତୁ ଭୁବନେଶ୍ୱରରୁ ବଉଦ ଯାଏ ନୂଆଁ ଚାଲୁଥିବା ଡେ.ଏଣ୍ଡ ନାଇଟ ମୀନାର ଏକ୍ସପ୍ରେସରେ ଗତ ୧୧ତାରିଖରେ ଯାତ୍ରା କରୁଥିବା ନୟାଗଡ ଖଣ୍ଡହତା ଅଞ୍ଚଳର ନାରୀ ନେତ୍ରୀ ଶ୍ରୀମତୀ ମହାନ୍ତି ବ୍ଲଡ ପ୍ରେସର ଯେଗୁଁ ହଠାତ୍ ଗୁରୁତର ଅସୁସ୍ଥ ହେବା ପରେ ବସ୍ ମାଲିକ ଖୋର୍ଦ୍ଧା ମେଡିକାଲକୁ ତୁରନ୍ତ ଚିକିତ୍ସା ପାଇଁ ପହଞ୍ଚାଇ ପରିବାର ଲୋକଙ୍କୁ ଡକାଇ ମହିଳାଙ୍କୁ ହସ୍ତାନ୍ତର କରି ସମସ୍ତ ସହାୟତା ଓ ସୁରକ୍ଷା ଯୋଗାଇଥିଲେ । ଆଉ ଏଇ ଅସୁସ୍ଥ ମହିଳାଙ୍କୁ ସମସ୍ତ ଚିକିତ୍ସା ସହାୟତା ଦ୍ୱାରା ବଞ୍ଚାଇ ଦେବା ଭଳି ଘଟଣା ଓ ଏଇ ମହତ୍ ସେବା ମାଲିକଙ୍କ ଉପରେ କିଛି ଲୋକଙ୍କ ସେଇ ବିଭ୍ରାନ୍ତିକର ଧାରଣାକୁ ଭୁଲ୍ ପ୍ରମାଣିତ କରି ଦେଖାଇଛନ୍ତି ବସ୍ ମାଲିକ ବୁଲୁ ଭାଇ ସୟଦ ମହମ୍ମଦ ଅଲ୍ଲୀ ଆଉ ଅନ୍ୟଙ୍କ ପାଇଁ ଏକ ଭିନ୍ନ ମଣିଷ ଅନନ୍ୟ ଉଦାହରଣ ହୋଇଛନ୍ତି । ଏତିକିରେ ସୀମିତ ନୁହେଁ ବୁଲୁଭାଇଙ୍କ ସେବା ସପ୍ତାହକୁ କିଛିଦିନ ନିଜେ ବସରେ ଡ୍ୟୁଟି କରି ବସରେ ସବୁବର୍ଗର ଲୋକ ଭିନ୍ନକ୍ଷମ, ଦୁଃସ୍ଥ, ଗରିବ, ଶ୍ରମିକ, ମହିଳା, ଯୁବକ, ଯୁବତୀ, ଭିଆଇପି, ବରିଷ୍ଠ ନାଗରିକ ପାସେଞ୍ଜରମାନଙ୍କୁ ସମାନ ଦୃଷ୍ଟିରେ ଦେଖିବା ସହ ବସଯାତ୍ରୀଙ୍କୁ ନିଜ ସ୍ନେହ, ଶ୍ରଦ୍ଧା, ବ୍ୟବହାର ଓ ଉଚିତ ସମ୍ମାନରେ ଯାତ୍ରୀଙ୍କ ମନକୁ ବାନ୍ଧି ରଖିଆସିଥିବା ଦୃଶ୍ୟ ଏବଂ ତାଙ୍କ ପାଖରେ ବସିଥିବା କିଛି ଯାତ୍ରୀଙ୍କୁ 'ବାଘମାରି' ଛକର ସ୍ପେସିଆଲ ଚା ଅଫର୍ 'ଚା ପିଲେଇବା' ଦୃଶ୍ୟ ଓବୁଲି ଭାଇ ସ୍ୱତନ୍ତ୍ର ବ୍ୟକ୍ତିତ୍ୱରେ ପାଖରେ ବସିଥିବା ସେନାପୁରର ଯୁବ ସାମ୍ବାଦିକ ଶ୍ରୀ ତ୍ରିପାଠୀଙ୍କୁ ବିଶେଷ ପ୍ରଭାବିତ କରିଛି । ସାମ୍ବାଦିକ ଶ୍ରୀ ତ୍ରିପାଠୀ ତାଙ୍କ ସାଙ୍ଗରେ ଜମିଯାଇ ଶ୍ରୀ ଅଲ୍ଲିସାର(ବୁଲିଭାଇ)ଙ୍କୁ ଆଶ୍ଚର୍ଯ୍ୟ ହୋଇ ପ୍ରଶ୍ନ କରନ୍ତି ଯେ, ଆପଣ ଜଣେ ମୁସଲିମ ଲୋକ ହୋଇ ସୂକ୍ଷ୍ମ ହୃଦୟଟିଏ, ପୁଣି ଏତେ ସ୍ୱତନ୍ତ୍ର ବ୍ୟକ୍ତିତ୍ୱ, ଭାଇଚାରା । ଆଉ କିଛି ପଚାରିବା ଆଗରୁ ଶ୍ରୀ ଅଲ୍ଲି ସାର ସବୁ ବୁଝିଗଲେ ଓ 'ସେଇ କିଛି ଲୋକଙ୍କ ଭୁଲ ଧାରଣା' ମନ ଭିତରୁ ଆଉଟ୍ କରିବା ପାଇଁ ଦୁନିଆଁକୁ ଚମକାଇଲା ଭଳି କିଛି ପଦେ କୁହନ୍ତୁ ସାର : ଭଗବାନ ମଣିଷ ତିଆରି କରେ ଆଉ ଏ ମଣିଷ 'ବିଭେଦ', 'ଜାତିଭେଦ' ସୃଷ୍ଟି କରିଥାଏ । ସାମ୍ବାଦିକ ପୁଣି ଆଶ୍ଚର୍ଯ୍ୟ ହୋଇ ପାଚରିଲେ ସାର ଆପଣ ଜଣେ କବି, ଲେଖକଙ୍କ ଭଳି କଥା କହୁଛନ୍ତି, ହଁ ସାର ମୋ ବାବା ଜଣେ ଲେଖକ ମୁଁ ଏଇ ବ୍ୟସ୍ତବହୁଳ ଜୀବନ ଭିତରେ ରହି ବାବାଙ୍କ ଲେଖାକୁ ଏଡିଟିଂ କରି ଶେଷ ସ୍ୱର୍ଶ ଦେବାରେ ଖୁବ୍ ଆନନ୍ଦ ପାଇଥାଏ' ବୋଲି ଅଲ୍ଲି ସାର କହିଥିଲେ । ଇମୋଶନ ହୋଇଯାଇ ଶ୍ରୀ ତ୍ରିପାଠୀ କହିଥିଲେ ସେଥିପାଇଁ ତ କଥାରେ ଅଛି 'ମଣିଷଙ୍କ ଭିତରେ ଭଲ ମଣିଷଟିଏ ହେବା' ଆଉ 'ଅନେକଙ୍କ ମଧ୍ୟରେ ଏକ' ଭାବେ ପରିଚୟ ସୃଷ୍ଟି ହୋଇ ସୁସ୍ଥ ସମାଜଟିଏ, ଦେଶ ଟିଏ ଗଢିବାରେ ଦୈନନ୍ଦିନ ଜୀବନରେ କିଛି ସମୟ ଦେବା । ତାହେଲେ ଯାଇ ସମାଜରୁ କିଛି ପ୍ରାପ୍ୟ ପାଇବାର ଅଧିକାର ଜାହିର କରିପାରିବା ।

ଭାରତ ପରିଭ୍ରମଣକାରୀ ଦିବ୍ୟ ରଥକୁ ସଂବର୍ଦ୍ଧନା

କଟକ, ୧୮/୧୧(ଶ୍ରୁମି): ଅଖିଳ ବିଶ୍ୱ ଗାୟତ୍ରୀ ପରିବାର, ଗାୟତ୍ରୀ ଶକ୍ତିପୀଠ, କଟକ ତରଫରୁ ସୁଦୂର ଶାନ୍ତିକୁ ହରିଦ୍ୱାର ଦ୍ୱାରା ଦିବ୍ୟ ଭାରତ ଯୁବା ସଂଗଠନ ତରଫରୁ କନ୍ୟାକୁମାରୀଠାରୁ ଯାତ୍ରାରମ୍ଭ କରିଥିବା ଏକ ଦିବ୍ୟ ରଥକୁ କଟକରେ ସ୍ୱାଗତ କରାଯାଇଥିଲା । ଭାରତ ଭୂମିର ମହାପୁରୁଷମାନଙ୍କର ପୁଣ୍ୟ ଜନ୍ମମାଟିକୁ ଧରି ଏହି ଯୁବ କ୍ରାନ୍ତି ରଥକୁ ଗତ ୧୩ ତାରିଖ ସୋମବାର ଦିନ କଟକର ନବ ନିର୍ମିତ ନେତାଜୀ ସୁଭାଷ ବୋଷ ସେତୁ ନିକଟସ୍ଥ ବେଲିଭ୍ୟୁଠାରେ ସ୍ୱାଗତ କରାଯାଇଥିଲା । କଟକ ମହାନଗର ଶାନ୍ତି କମିଟିର ସଭାପତି ଦେବେନ୍ଦ୍ରନାଥ ସାହୁ, ସାଧାରଣ ସଂପାଦକ ଭିକାରୀ ଦାସ, ଗାୟତ୍ରୀ ଶକ୍ତିପୀଠ,କଟକର ମୁଖ୍ୟ ଟ୍ରଷ୍ଟି ଅଗାଧୁ ଚରଣ ପ୍ରଧାନ, ଦେବରାଜ କଳସୀ, ଟ୍ରଷ୍ଟି ଦେବ ପ୍ରସାଦ ସିଂ, ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ମୀନକେତନ ବେହେରା, ଗାୟତ୍ରୀ ପରିବାର ବୟୋଜ୍ୟେଷ୍ଠ ସଦସ୍ୟ ଆନନ୍ଦ ମିଶ୍ରଙ୍କ ସହ କଟକ ଗାୟତ୍ରୀ ପରିବାରର ସଦସ୍ୟମାନେ ରଥକୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ଏହି ରଥ ଭାରତ ଭ୍ରମଣ କରି ନାଗପୁର ଅଭିମୁଖେ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି । ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଜନ୍ମପୀଠ ସତ୍ୟଭାମାପୁର, ବାଙ୍କୀ, ଆଠଗଡ ଏବଂ ଚାରବାଟିଆ(ଚୌଦ୍ୱାର) ସ୍ଥିତ ବିଦ୍ୟାଳୟ ସମେତ ସମର ଶିକ୍ଷାର୍ଥୀ ବାହିନୀ(ଏନ୍,ସି,ସି) ଶିବିରମାନଙ୍କରେ ରଥରେ ବ୍ୟବସ୍ଥା ଥିବା ଏଲ୍.ସି.ଡି ଭିଡିଓ ପ୍ରୋଜେକ୍ଟର ଦ୍ୱାରା ପ୍ରାମାଣିକ ଚଳଚିତ୍ର ପ୍ରଦର୍ଶନ କରି ଆଜିର ଯୁବ ସମାଜ କିପରି ସମାଜରେ ଶାନ୍ତି, ସଦ୍ଭାବନାର ବାତାବରଣ ବଜାୟ ରଖିବା ସହ ରାଷ୍ଟ୍ର ନିର୍ମାଣରେ ନିଜକୁ ସାମିଲ କରିପାରିବେ, ସେ ଦିଗରେ ପ୍ରଭାବିତ କରିଥିଲେ ।

ଏସିଡ୍ ଆକ୍ରମଣ ପୀଡ଼ିତାଙ୍କୁ ଭେଟିଲେ ସମାଜ ମଙ୍ଗଳବୋର୍ଡ ଅଧକ୍ଷା

କଟକ, ୧୮/୧୧(ଶ୍ରୁମି): ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଭେଷଜ ମହାବିଦ୍ୟାଳୟରେ ଡିଏମ୍ଏଲ୍‌ଟି ବିଭାଗ ତୃତୀୟବର୍ଷ ଛାତ୍ରୀ ମିନତୀ କୁମାରୀ ପ୍ରଧାନ ଏସିଡ୍ ମାଡ଼ର ଶିକାର ହୋଇ ଏବେ କଟକ ବଡ଼ ଡାକ୍ତରଖାନାର ସର୍ଜରୀ ଓ୍ୱାର୍ଡରେ ଚିକିତ୍ସିତ ହେଉଛନ୍ତି । ଶନିବାର ପୂର୍ବାହ୍ନରେ ରାଜ୍ୟ ସମାଜ କଲ୍ୟାଣବୋର୍ଡ ଅଧକ୍ଷା ଲତିକା ପ୍ରଧାନ, ମହିଳା ଅଧିକାର ଅଭିଯାନ(ମା)ର ଉପାଧକ୍ଷା ଡକ୍ଟର ରୀନା ରାଉତରାୟ ପ୍ରମୁଖ ତାଙ୍କୁ ହସ୍ପିଟାଲରେ ସାକ୍ଷାତ କରି ଆଶୁ ଆରୋଗ୍ୟ କାମନା କରିବା ସହ ଚିକିତ୍ସା ବ୍ୟବସ୍ଥା ସମ୍ପର୍କରେ ପଚାରିବୁଝିଥିଲେ । ସେଠାରେ ଉପସ୍ଥିତ ମିନତୀଙ୍କ ପରିବାର ତାଙ୍କ ସୁରକ୍ଷା ନେଇ ଆଶଙ୍କା ପ୍ରକାଶ କରିଛନ୍ତି । ଏହି ଟିମ୍ ବରାବର ତାଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରୁଛନ୍ତି । ସମାଜ କଲ୍ୟାଣ ବୋର୍ଡ ଅଧକ୍ଷା ଶ୍ରୀମତୀ ପ୍ରଧାନ ଏହି ଅବସରରେ ଏସ୍‌ସିବି ମେଡିକାଲ୍ କଲେଜ୍‌ର ଅଧୀକ୍ଷକ ଡାକ୍ତର ଶ୍ୟାମା କାନୁନ୍‌ଗୋଙ୍କୁ ସାକ୍ଷାତକରି ପୀଡ଼ିତାଙ୍କ ଚିକିତ୍ସା ସମ୍ପର୍କରେ ଆଲୋଚନା କରିଥିଲେ । କଲେଜ କମନ୍‌ରୁମ୍‌ରେ ଛାତ୍ରୀ ମିନତୀଙ୍କ ମୁହଁକୁ ଏସିଡ୍ ଫିଙ୍ଗାଯାଇଥିବାରୁ ହସ୍ପିଟାଲ୍ ଓ୍ୱାର୍ଡରେ ତାଙ୍କ ସୁରକ୍ଷା ସୁନିଶ୍ଚିତ କରିବାକୁ ଶ୍ରୀମତୀ ପ୍ରଧାନ ଅଧୀକ୍ଷକଙ୍କୁ ପରାମର୍ଶ ଦେଇଛନ୍ତି । ଡକ୍ଟର ରାଉତରାୟ ପୀଡ଼ିତାଙ୍କପାଇଁ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା କରିବାକୁ ଦାବିକରିଛନ୍ତି । ମିନତୀଙ୍କ ସ୍ୱାମୀ ନିରନ ପ୍ରଧାନ ଏସିଡ୍ ଫିଙ୍ଗିଥିବା ଅଭିଯୋଗ ହୋଇଛି । ସମାଜ କଲ୍ୟାଣବୋର୍ଡ ଅଧକ୍ଷାଙ୍କ ସହ ସମାଜସେବୀ ତଥା ମାନବାଧିକାର କର୍ମୀ ବିଶ୍ୱଜିତ ସୂର୍ଯ୍ୟବଂଶୀ ଓ ଓଡ଼ିଶା ଗାନ୍ଧିବାଦୀ ଫୋରମ୍‌ର ଆବାହକ ଜ୍ଞାନରନ ସାମନ୍ତରାୟ ପ୍ରମୁଖ ହସ୍ପିଟାଲ୍‌ରେ ପୀଡ଼ିତାଙ୍କୁ ସାକ୍ଷାତ କରିଥିଲେ ।

ସ୍କୁଲ ଗୃହ ସଂପ୍ରସାରଣ ପାଇଁ ଭିତ୍ତି ପ୍ରସ୍ତର ସ୍ଥାପନ

କଟକ, ୧୮/୧୧(ଶ୍ରୁମି): କଟକ ସଦର ଅଂଚଳ ୫୮ ନମ୍ବର ଓ୍ୱାର୍ଡ ସ୍ଥିତ ଭାଣପୁର ହାଇସ୍କୁଲର ଶ୍ରେଣୀଗୃହ ସଂପ୍ରସାରଣ ପାଇଁ ଆଜି ରାଜ୍ୟ କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରୀ ଚନ୍ଦ୍ରସାରଥି ବେହେରା ଭିତ୍ତି ପ୍ରସ୍ତର ସ୍ଥାପନ କରିଛନ୍ତି । ପ୍ରାୟ ୧୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି ହାଇସ୍କୁଲରେ ଆହୁରି ଦୁଇଟି ନୂତନ ଶ୍ରେଣୀଗୃହ ନିର୍ମିତ ହେବ । ପୂର୍ବରୁ ସ୍ୱଳ୍ପ ସଂଖ୍ୟକ ଗୃହରେ କ୍ଲାସ ଚାଲିବା ଦ୍ୱାରା ଉଭୟ ପରିଚାଳନା କମିଟି ଓ ଅଭିଭାବକମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା । ଏସଂପର୍କରେ ଗତ ବର୍ଷ ଉଭୟ ସାହି ଓ ସ୍କୁଲ କମିଟି ପକ୍ଷରୁ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ମନ୍ତ୍ରୀ ଶ୍ରୀ ବେହେରା ତାଙ୍କ ନିଜସ୍ୱ ପାଣ୍ଠି ୧୦ ଲକ୍ଷ ଟଙ୍କା ଅନୁଦାନ ଯୋଗାଇଦେଇଥିଲେ । ଡାହାଳିଆବାଗ ସାହି କମିଟି ପକ୍ଷରୁ ପୂର୍ବତନ କର୍ପୋରେଟର ତଥା ବିଜେଡି ଜିଲ୍ଲା ଉପ ସଭାପତି କୌଶିକ ଜେନା, ଓ୍ୱାର୍ଡ ସଭାପତି ସୁଶାନ୍ତ ମହାନ୍ତି, ସଦର ବିଜେଡି ସଭାପତି ପ୍ରମୋଦ ମହାପାତ୍ର, ହାଇସ୍କୁଲର ପ୍ରଧାନ ଶିକ୍ଷକ ସର୍ବେଶ୍ୱର ଜେନା ଓ କର୍ପୋରେଟର ରାଜକୁମାରୀ ସ୍ୱାଇଁ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

ଫଟୋ ଭୋଟର ତାଲିକା ସ୍ୱତନ୍ତ୍ର ସଂଶୋଧନ କାର୍ଯ୍ୟକ୍ରମ

ଅଧିକରୁ ଅଧିକ ଯୋଗ୍ୟ ଭୋଟର ତାଲିକାରେ ନାମ ପଂଜୀକରଣ ପାଇଁ ଆହ୍ୱାନ

କଟକ, ୧୮/୧୧(ଶ୍ରୁମି): ୨୦୧୮ ଜାନୁଆରୀ ୧ ତାରିଖକୁ ଯୋଗ୍ୟତା ତାରିଖ ଭିତି କରି ସ୍ୱତନ୍ତ୍ର ଭୋଟର ତାଲିକା-୨୦୧୮ ପ୍ରସ୍ତୁତି ପାଇଁ ଭାରତୀୟ ନିର୍ବାଚନ କମିଶନ ନିର୍ଦ୍ଦେଶ ଦେଇଛନ୍ତି । ଏହି ପରିପ୍ରେକ୍ଷୀରେ କମିଶନଙ୍କ ତରଫରୁ ତ୍ରୁଟି ଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତି ଏବଂ ଯେପରି ସମସ୍ତ ଯୋଗ୍ୟ ନାଗରିକମାନଙ୍କର ନାମ ଭୋଟର ତାଲିକାରେ ରହିବ, ସେଥି ନିମନ୍ତେ ବୁଥ ସ୍ତରୀୟ ଅଧିକାରୀମାନେ ନଭେମ୍ବର ୧୫ ତାରିଖରୁ ୩୦ ତାରିଖ ପର୍ଯ୍ୟନ୍ତ ଘରକୁ ଘର ବୁଲି ତଥ୍ୟ ସଂଗ୍ରହ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହି ପରିପ୍ରେକ୍ଷୀରେ କଟକ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ସୁଶାନ୍ତ କୁମାର ମହାପାତ୍ରଙ୍କ ନିର୍ଦ୍ଦେଶରେ ଅତିରିକ୍ତ ଜିଲ୍ଲାପାଳ ରଘୁରାମ ଆର୍ ଆୟାରଙ୍କ ଅଧକ୍ଷତାରେ ଏକ ବୈଠକ ତାଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା । ତ୍ରୁଟି ଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତି ନେଇ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଆୟାର ସମସ୍ତ ବିଏଲ୍‌ଓ ଓ ରାଜନୈତିକ ଦଳର ପ୍ରତିନିଧି ଓ କାର୍ଯ୍ୟକ୍ରମର ପ୍ରଚାର ପ୍ରସାର ନେଇ ଗଣମାଧ୍ୟମର ସହଯୋଗ କାମନା କରିଥିଲେ । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଡେପୁଟି କଲେକ୍ଟର ନିର୍ବାଚନ ହରପ୍ରିୟା ଦାସଙ୍କ ସମେତ ଜିଲ୍ଲା ନିର୍ବାଚନ କାର୍ଯ୍ୟାଳୟର ଭୋଟର ତାଲିକା ସଂଶୋଧନ କାର୍ଯ୍ୟରେ ନିଯୁକ୍ତ ରହିଥିବା କର୍ମଚାରୀମାନେ ଉପସ୍ଥିତ ଥିଲେ ।

ଅଲିଭ ରିଡଲେ ସୁରକ୍ଷା ସଚେତନତା ଶିବିର

କୋଣାର୍କ, ୧୮/୧୧(ଶ୍ରୁମି): ଶନିବାର ଚନ୍ଦ୍ରଭାଗାସ୍ଥିତ ବାତ୍ୟା ସହାୟତା କେନ୍ଦ୍ରଠାରେ ପୁରୀ ବନ୍ୟପ୍ରାଣୀ ବନଖଣ୍ଡ ପକ୍ଷରୁ ସାମୁଦ୍ରିକ କଇଁଛ ସୁରକ୍ଷା ଓ ସଂରକ୍ଷଣ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । କୋଣାର୍କ ବନ୍ୟପ୍ରାଣୀ ବନଂଚଳ ଅଧିକାରୀ ଆଦିତ୍ୟ ନାରାୟଣ ମିଶ୍ର କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସ୍ପଷ୍ଟ କରିବାସହିତ ଶିବିରକୁ ସଂଯୋଜନା କରିଥିଲେ । ପୁରୀ ବନ୍ୟପ୍ରାଣୀ ବନଖଣ୍ଡ ଏସିଏଫ୍ ବିରଂଚିନାରାୟଣ ସାମଲ,ଏସିଏଫ୍ ପ୍ରଶାନ୍ତ କୁମାର ସ୍ୱାଇଁ,ବନ୍ୟପ୍ରାଣୀ ଓ୍ୱାଡେନ୍ ଆକାଶ ରଥ,ଚନ୍ଦ୍ରଭାଗା ସାମୁଦ୍ରିକ ଥାନା ଅଧିକାରୀ ସଂଜୀବ କୁମାର ପ୍ରଧାନ,କୋଣାର୍କ ଥାନା ଅଧିକାରୀ ଅରୁଣଚନ୍ଦ୍ର ତ୍ରିପାଠୀ,ଚନ୍ଦ୍ରଭାଗା ସହକାରୀ ମତ୍ସ୍ୟ ଅଧିକାରୀ,ଗ୍ରୀନ୍ ଲାଇଫ ରୁରାଲ ଆସୋସିଏସନର ପ୍ରତିଷ୍ଠାତା ଶୋଭାକର ବେହେରା,କେନ୍ଦ୍ରାପଡାର ଆପୋଓ୍ୱା ଅନୁଷ୍ଠାନର ସଂପାଦକ ବିଜୟ କୁମାର କବି ପ୍ରମୁଖ ଯୋଗଦେଇ ସ୍ଥାନୀୟ ମତ୍ସ୍ୟଜୀବୀ ଓ ବାସିନ୍ଦାମାନଙ୍କୁ ବିରଳ ସାମୁଦ୍ରିକ କଇଁଛ ଅଲିଭ ରିଡଲେର ସୁରକ୍ଷା ଓ ସଂରକ୍ଷଣ ସଂପର୍କରେ ଅବଗତ କରିଥିଲେ । ଚଳିତମାସ ଆରମ୍ଭରୁ ଜୁନ ଶେଷ ପର୍ଯ୍ୟନ୍ତ ସମୁଦ୍ର ଉପକୂଳରୁ ସମୁଦ୍ର ଗର୍ଭକୁ ୨୦କିମି ପର୍ଯ୍ୟନ୍ତ ଜଳରାଶିରେ ମାଛଧରା ସଂପର୍କିତ କଟକଣା ଲାଗୁ ହୋଇଛି । ଏହି ସମୟ ମଧ୍ୟରେ ଉପକୂଳକୁ ଅଲିଭ ରିଡଲେଙ୍କ ଆଗମନ,ସଂଗମ,ଅଣ୍ଡାଦାନ ଓ ପ୍ରଜନନ ପ୍ରକ୍ରିୟା ସଂଘଟିତ ହେଉଥିବାରୁ ଏଥିରେ ସ୍ଥାନୀୟ ଜନସାଧାରଣ,ସ୍ୱେଚ୍ଛାସେବୀ ସଂଗଠନ ଓ ବୁଦ୍ଧିଜୀବୀମାନେ ଆନ୍ତରିକତାର ସହିତ ସହଯୋଗ କରିବାକୁ ବନ ବିଭାଗ ପକ୍ଷରୁ ନିବେଦନ କରାଯାଇଛି । ଏହି ଅବସରରେ ବନବିଭାଗ ପକ୍ଷରୁ ଗୋଷ୍ଠୀ ସଚେତନତା ନିମନ୍ତେ ଅଲିଭ ରିଡଲେ ସୁରକ୍ଷା ସଂପର୍କିତ ଲିଫଲେଟ୍ ଓ ବ୍ରୋଚର ବିତରଣ କରାଯାଇଥିଲା ।

ଲଗାଣ ବର୍ଷାରେ କ୍ଷତିଗ୍ରସ୍ତ ଚାଷଜମି ସ୍ଥିତି ପରଖିଲେ କୃତିବାସ

ରାଜନଗର, ୧୮/୧୧(ଶ୍ରୁମି): ଲଘୁଚାପ ଜନିତ ଲଗାଣ ବର୍ଷାରେ ରାଜନଗର ବ୍ଲକର ୨୯ଟି ପଚାଂୟତର ଚାଷଜମିରେ ଜଳ ଭରି ଯାଇଛି । ଅମଳ ହେବାକୁ ଯାଉଥିବା ଧାନଗଛ ପାଣିରେ ପଡି ପଚିଯିବା ସହ ଧାନ ଗଜା ହୋଇଗଲାଣି । ଫଳରେ ଚାଷୀକୂଳ ହତାଶ ହୋଇପଡିଛି । ପ୍ରାକ୍ତନ କୃଷି ଶିଳ୍ପ ନିଗମ ଅଧକ୍ଷ ତଥା ପୂର୍ବତନ କେନ୍ଦ୍ରାପଡା ଜିଲ୍ଲା ବିଜେଡି ସଭାପତି କୃତିବାସ ପାତ୍ର ଏହି ବ୍ଲକର ରାଜନଗର, ମହୁଲିଆ, ଚାନ୍ଦିବାଉଁଶମୂଳ, ଭିତରଗଡ, କଣ୍ଡିରା, ଘଡିଆମାଳ, ଈଶ୍ୱରପୁର, ଗୁପ୍ତି, ଡେରା, ହାତିନା, କୁରୁଂଟି, ମହିଁଷାସୁର, ସାନବଡଗୋପାଳପୁର, ବନ୍ଧପଡା ପ୍ରଭୃତି ପଚାଂୟତର ଚାଷଜମି ବୁଲି ଦେଖି କ୍ଷତିଗ୍ରସ୍ତ ଚାଷୀମାନଙ୍କ ସହ କ୍ଷୟକ୍ଷତି ସଂପର୍କରେ ଆଲୋଚନା କରିଥିଲେ । କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ସମସ୍ତ ପ୍ରକାର ସରକାରୀ ସହାୟତା ପାଇଁ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିବା ସହ କୃଷିମନ୍ତ୍ରୀ ଓ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ଶ୍ରୀ ପାତ୍ର ଚାଷୀମାନଙ୍କ ନିକଟରେ ପ୍ରକାଶ କରିଥିଲେ ।

୨୬ରେ ଆଦିବାସୀ ପର୍ବ ନେଣ୍ଡା ସହରାଇ ପାରାବ

କଟକ, ୧୮/୧୧(ଶ୍ରୁମି): ଅଖିଳ ଓଡିଶା ଆଦିବାସୀ ସଂସ୍କୃତି ସୁରକ୍ଷା ପରିଷଦ ପକ୍ଷରୁ ଦୀର୍ଘ ବର୍ଷ ଧରି ଆୟୋଜିତ ହୋଇଆସୁଥିବା ଆଦିବାସୀମାନଙ୍କ ମହାନ ପର୍ବ 'ନେଣ୍ଡା ସହରାଇ ପାରାବ' ଆସନ୍ତା ୨୬ ତାରିଖରେ ସ୍ଥାନୀୟ ଗଡଗଡିଆ ପଠାରେ ଅନୁଷ୍ଠିତ ହେବ । ତେବେ ୨୫ ତାରିଖ ଦିନଠାରୁ ୨୬ ତାରିଖ ପର୍ଯ୍ୟନ୍ତ ରାଜ୍ୟସ୍ତରୀୟ ଗ୍ରାମାଂଚଳ ସହରାଇ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ମଧ୍ୟ ଅନୁଷ୍ଠିତ ହେବ । ଏହି ନେଣ୍ଡା ସହରାଇ ପାରାବରେ ଅପରାହ୍ନ ୨ଟାରୁ ଆଦିବାସୀ ସମୂହ ନୃତ୍ୟ 'ଡାବୁଲ ତାମସା' ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଥିବା ସଭାପତି ବୃନ୍ଦାବନ ଦାସ ଆଜାଦ ଜଣାଇଛନ୍ତି ।

ପୋଷ୍ୟ ସନ୍ତାନ ସପ୍ତାହ ଉପଲକ୍ଷେ ସଚେତନତା ରଥ ପରିକ୍ରମା

କଟକ, ୧୮/୧୧(ଶ୍ରୁମି): ଚଳିତ ବର୍ଷ ନଭେମ୍ବର ୧୪ ତାରିଖ ଶିଶୁ ଦିବସ ଠାରୁ ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ପୋଷ୍ୟ ସନ୍ତାନ ସଚେତନତା ସପ୍ତାହ ଦେଶ ସାରା ପାଳନ କରାଯାଉଥିବା ପରିପ୍ରେକ୍ଷୀରେ କଟକ ଜିଲ୍ଲାର ୧୪ ଗୋଟି ବ୍ଲକ ଓ ଗ୍ରାମାଂଚଳକୁ ପୋଷ୍ୟ ସନ୍ତାନ ସଚେତନତା ରଥ ପରିକ୍ରମା କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲ୍ଲାପାଳ ରଘୁରାମ ଆର୍ ଆୟାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି । ଏହି ରଥ ଜିଲ୍ଲାରେ ପରି ଭ୍ରମଣ କରି ଲୋକମାନଙ୍କୁ ପୋଷ୍ୟ ସନ୍ତାନ ଗ୍ରହଣ ବିଷୟରେ ସଚେତନ କରାଇବ । ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ପ୍ରଗତି ମହାନ୍ତି, ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ମୀନକେତନ ବେହେରା, ଜିଲ୍ଲା ମଙ୍ଗଳ ଅଧିକାରୀ ଶେଷଦେବ ବେହେରା, ଜିଲ୍ଲା ଶିଶୁ ସୁରକ୍ଷା ଲିଗାଲ-ତଥା ପ୍ରୋବେସନ ଅଧିକାରୀ ବିମଳ ଲକ୍ଷ୍ମୀ ଚୌଧୁରୀ, ସୁରକ୍ଷା ଅଧିକାରିଣୀ ପ୍ରିୟଙ୍କା ସାମଲ, ସମାଜ କର୍ମୀ କଂଗ୍ରେସ କୁମାର ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।

ଲୁଣା ନଦୀକୁ ଡେଇଁ ଛାତ୍ରଙ୍କ ଆତ୍ମହତ୍ୟା, ମୃତ ଦେହ ଉଦ୍ଧାର

ଡେରାବିଶ, ୧୮/୧୧(ଶ୍ରୁମି): ଡେରାବିଶ ବ୍ଲକ ଅନ୍ତର୍ଗତ ଲୁଣାନଦୀର

ବସପୁର ପୋଲ ଉପରୁ ଆଜି ଜଣେ ଛାତ୍ର ନଦୀକୁ ଡେଇଁ ଆତ୍ମହତ୍ୟା କରିଥିବା ଜଣାଯାଇଛି । ମୃତକ ହେଲେ କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଭରତପୁର ପଂଚାୟତ ମେଣ୍ଟାଖିଆ ଗ୍ରାମର ଶରତ ମଲ୍ଲିକଙ୍କ ପୁଅ କେଶବ ମଲ୍ଲିକ (୧୭) । ଘଟଣାରୁ ପ୍ରକାଶ, କେଶବ ନିଜ ଭଉଣୀ ଘର ଆଇତିପୁର ଗ୍ରାମକୁ ସାଇକେଲ ଯୋଗେ ଆଜି ଯାଉଥିଲେ । ମାତ୍ର ପୂର୍ବାହ୍ନ ୧୦ ଟା ସମୟରେ ବସୁପୁର ପୋଲ ଉପରେ ନିଜର ସାଇକେଲ ରଖି ପ୍ୟାଂଟ ସାର୍ଟ ଓହ୍ଲାଇ ପୋଲ ବାଡା ଉପରେ ରଖିଥିଲେ । ଏଥି ସହିତ ନିଜର ମୋବାଇଲ ମଧ ସେଠାରେ ଥୋଇ ପୋଲ ଉପରୁ ନଦୀ ମଧ୍ୟକୁ ଡେଇଁ ଥିଲେ । ଏହି ବାଟ ଦେଇ ଯାଉଥିବା ଲୋକେ ଏଭଳି ଘଟଣା ଦେଖି ସେଠାରେ ରୁଣ୍ଡ ହେବା ସହ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ । ଖବର ପାଇ କେନ୍ଦ୍ରାପଡା ଓ କୋରୁଆ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣା ସ୍ଥଳରେ ପହଂଚି ବହୁ ସମୟ ଧରି ଖୋଜା ଖୋଜି କରିବା ପରେ ପୋଲ ତଳୁ କେଶବର ମୃତ ଦେହକୁ ଉଦ୍ଧାର କରିଥିଲେ । ଘଟଣା ସ୍ଥଳରେ ସଦର ଥାନା ପୋଲିସ ପହଂଚି କେଶବର ମୃତ ଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇବାସହ ଏ ସଂକ୍ରାନ୍ତରେ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛନ୍ତି । ମୃତ କେଶବ ବ୍ଲକ ଅନ୍ତର୍ଗତ ଛତା ଠାରେ ଥିବା କେନ୍ଦ୍ରାପଡା ପଲିଟେକ୍‌ନିକ କଲେଜର ଛାତ୍ର ହୋଇଥିବା ବେଳେ ଆତ୍ମହତ୍ୟାର କାରଣ ଜଣା ପଡିନାହିଁ ।